**ଗ୍ରାମୀଣ କୃଷି ମୌସମ ସେବା**
**ଭାରତ ପାଣିପାଗ ବିଜ୍ଞାନ ବିଭାଗ**
**ଓଡ଼ିଶା କୃଷି ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟ**
**ଭୁବନେଶ୍ୱର, ଓଡିଶା**

ଘୁ. ଉଦୟଗିରି, ଓଡିଶା : ୦୭.୦୩.୨୦୨୪ (ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

---

**Sri Rahul Kumar Sahu**
**Jr. Agrometeorologist**

**ସପ୍ତାହ ସଂଖ୍ୟା- ୧୦**

**ତାରିଖ ୦୭.୦୩.୨୦୨୪**
**ବୁଲେଟିନ ନଂ.୨୦**

**ଭାରତ ପାଣିପାଗ ବିଜ୍ଞାନ ବିଭାଗ, ଭୁବନେଶ୍ୱର ଅନୁଯାୟୀ**
**ପାଣିପାଗ ପୂର୍ବାନୁମାନ (୧୨.୦୩.୨୦୨୪) ପର୍ଯ୍ୟନ୍ତ**

**ଜିଲ୍ଲା କନ୍ଧମାଳ** – ଭାରତ ପାଣିପାଗ ବିଜ୍ଞାନ ବିଭାଗ ଭୁବନେଶ୍ୱର ର ପୂର୍ବାନୁମାନ ଅନୁଯାୟୀ, କନ୍ଧମାଳ ଜିଲ୍ଲାରେ ଆସନ୍ତା ୮, ୯ ଓ ୧୦ ତାରିଖରେ ହାଲୁକା ବର୍ଷା ହେବାର ସମ୍ଭାବନା ଅଛି ଏହା ସହ ଆକାଶ ସାଧାରଣ ମେଘାଚ୍ଛନ୍ନ ରହିପାରେ। ପବନର ବେଗ ୦୬ କି.ମି. ବେଗ ମଧରେ ରହିପାରେ। ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୩-୩୫ ଏବଂ ୧୯-୨୧ ଡିଗ୍ରୀ ସେଲସିୟସ ରହିବ। ସର୍ବୋଚ୍ଚ ଓ ସର୍ବନିମ୍ନ ଆପେକ୍ଷିକ ଆଦ୍ରତା ଗତ ସପ୍ତାହ ଠାରୁ ଅଧିକ ରହିବ ଏବଂ ଯଥାକ୍ରମେ ଶତକଡା ୫୯-୮୭% ଏବଂ ୧୭-୨୭% ମଧରେ ରହିବାର ସମ୍ଭାବନା ଅଛି।

| ଜିଲ୍ଲା | ତାରିଖ | ବର୍ଷା ମିମି) ( | ସର୍ବାଧିକ ତାପମାତ୍ରା (°ସେଲସିୟସ) | ସର୍ବନିମ୍ନ ତାପମାତ୍ରା(°ସେଲସିୟସ) | ମେଘାଛନ୍ନ (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | ପବନ ର ବେଗ ଘଣ୍ଟା ପ୍ରତି (କିମି) | ପବନ ର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| କନ୍ଧମାଳ | ୦୮-୦୩-୨୦୨୪ | ୧୦ | ୩୫ | ୨୦ | ୭ | ୫୯ | ୨୨ | ୬ | ୧୫୮ |
| | ୦୯-୦୩-୨୦୨୪ | ୫ | ୩୩ | ୨୦ | ୬ | ୮୩ | ୨୪ | ୬ | ୧୧୭ |
| | ୧୦-୦୩-୨୦୨୪ | ୫ | ୩୩ | ୨୧ | ୬ | ୮୭ | ୨୩ | ୬ | ୧୮୯ |
| | ୧୧-୦୩-୨୦୨୪ | ୦ | ୩୪ | ୧୯ | ୦ | ୮୧ | ୧୮ | ୬ | ୧୬୨ |
| | ୧୨-୦୩-୨୦୨୪ | ୦ | ୩୬ | ୧୯ | ୦ | ୬୬ | ୧୭ | ୬ | ୨୦୭ |

**କୃଷିପାଣିପାଗ ଉପଦେଶାବଳୀ**

- ଆଗାମୀ ବର୍ଷା ପାଗକୁ ଦେଖି ଚାଷୀମାନେ ସ୍ୱଳ୍ପ ପାଣିମଡାନ୍ତୁ କିମ୍ୱା ବର୍ଷା କୁ ଦେଖି ଦରକାର ହିସାବରେ ପାଣି ମଦାନ୍ତୁ।
- ଚାଷୀମାନେ କୀଟନାଶକ ପ୍ରୟୋଗ ରୁ ବିରାଟ ରୁହନ୍ତୁ, ନଚେତ ଏହା ବର୍ଷା ପାଣିରେ ଧୋଇଯାଇ ଏହାର ପ୍ରଭାବ କମିଯିବ।
- ଗରମ ଦିନରେ କୁକୁଡାଙ୍କୁ ୧୦ % ଅଧିକ ଜାଗା ଉପଲବ୍ଧ କରନ୍ତୁ ଏବଂ ଖରାରେ ପ୍ରଭାବିତ କୁକୁଡାଙ୍କୁ ସଠିକ ଉପଚାର କରନ୍ତୁ।

## ଧାନ:

- ଧାନରେ ଥୋଡ ବାହାରିବା ସମୟରେ ସେଥିରେ ୨୦କେଜି ଇଉରିଆ ସାର ପକାନ୍ତୁ।
- ଧାନ ଫସଲରେ କାଣ୍ଡବିନ୍ଧା ପୋକ ର ପରିଚାଳନା ପାଇଁ ଏକର ପ୍ରତି ୪୦୦-ମିଲି Fipronil ନାମକ କୀଟନାଶକ କିମ୍ବା ୫୦-ଗ୍ରାମ Flubendiamide ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।

## ଟମାଟୋ

- ଧଳାମାଛିର ପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ **Thiamethoxam** କିମ୍ବା ୨୦୦-ମିଲି **Pyriproxyfen** ନାମକ କୀଟନାଶକ କୁ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।

## ଚିନାବାଦାମ:

- ଚିନାବାଦମ୍ ରେ ଟିକ୍କା ରୋଗର ପରିଚାଳନା ପାଇଁ ଏକର ପ୍ରତି Chlorothalonil **@**୪୦୦-ଗ୍ରାମ କିମ୍ବା ୬୦୦-ଗ୍ରାମ Mancozeb କିମ୍ବା ୩୦୦-ମି.ଲି Hexaconazole କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

## ଆମ୍ବ:

- ଫଳ ନ ଝଡିବା ପାଇଁ ଚଣା ଅବସ୍ତାରେ ଏବଂ ବାଟୁଳି ଅବସ୍ଥାରେ (Marble Stage) ଏନ.ଏ.ଏ ୨୦ ପିପିଏମ (Planofix ୦୪ ମିଲି ପ୍ରତି ଲିଟର) ସିଞ୍ଚନ କରନ୍ତୁ।

## କୁକୁଡା ଚାଷ :

- ସତେଜ ଲିଟର କୁ ୨ ଇଞ୍ଚ ହିସାବରେ ବିଛାଇ ଦିନକୁ ୨ ରୁ ୩ ଥର ପାଗ ଥଣ୍ଡା ଥିବା ସମୟରେ ଓଲଟାନ୍ତୁ।
- ଗରମ ଦିନରେ ୧୦ **%** ଅଧିକ ଜାଗା ଦିଅନ୍ତୁ।
- ଅତ୍ୟଧିକ ଗରମରେ ବ୍ୟତିବସ୍ତ ହୋଇଥିବା କୁକୁଡାଙ୍କୁ ତାଙ୍କ ବେକ ଉପରକୁ ରଖି ପାଣିରେ ୨ରୁ ୩ ମିନିଟ ପର୍ଯ୍ୟନ୍ତ ବୁଡାଇ ରଖନ୍ତୁ।

**For better agriculture benefits use, OUAT KALINGA products (Seedling, Sampling & QPM, Tissue Culture Plants, Fruits and Vegetables, Value added products, Fingerlings/Yearlings, Poultry chicks, Breeds, Mushroom and Spawns, Bio-fertilizers, Bio-pesticides, Vermi & Vermi Compost).**

ASSOCIATE DIRECTOR OF RESEARCH & NODAL OFFICER